# ମେସର୍ସ ଶିଳ୍ପ ରସାୟନ

# ବନାମ

# କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରହକାରୀ, ବମ୍ବେ- I

ଡିସେମ୍ବର 5, 1996

[ଏସ୍.ପି. ଭରୁଚା ଏବଂ ଏସ୍.ସି. ସେନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ:*

*ପ୍ରସଙ୍ଗ 14-D – ବ୍ୟାଖ୍ୟା – ଅଭିବ୍ୟକ୍ତି 'ଯେକୌଣସି ରଙ୍ଗ ଲଗାଇବା ପ୍ରକ୍ରିୟାରେ ବ୍ୟବହୃତ' – କୃତ୍ରିମ ଜୈବ ରଙ୍ଗସାମଗ୍ରୀ ଏବଂ କୃତ୍ରିମ ଜୈବ ବ୍ୟୁତ୍ପାଦକ କିମ୍ବା କେବଳ କୃତ୍ରିମ ଜୈବ ବ୍ୟୁତ୍ପାଦକ ଯୋଗ୍ୟ କି – ଦର୍ଶାଯାଇଛି, କେବଳ ରଙ୍ଗାଇବା ପ୍ରକ୍ରିୟାରେ ବ୍ୟବହୃତ କୃତ୍ରିମ ବ୍ୟୁତ୍ପାଦକ ପାଇଁ ପ୍ରଯୁଜ୍ୟ – ଶବ୍ଦଗୁଡ଼ିକ ସ୍ପଷ୍ଟ ହୋଇଥିବାରୁ ସେମାନଙ୍କର ବ୍ୟାଖ୍ୟା ପାଇଁ କୌଣସି ବାହ୍ୟ ଉତ୍ସର ସହାୟତା ଆବଶ୍ୟକ ନାହିଁ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 1908/1987 ।

ଏ ସଂଖ୍ୟା ED/SB/860/83- Cରେ ନୂଆ ଦିଲ୍ଲୀର ସୀମା ଶୁଳ୍କ ଅବକାରୀ ଏବଂ ସୁନା (ନିୟନ୍ତ୍ରଣ) ଅପିଲ ନ୍ୟାୟାଧିକରଣର 27.5.87 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ବି.ଭି. ଦେଶାଇ, ପି.ଜେ. ମେହେଟା ଏବଂ ସୁଶ୍ରୀ ଶଶି ସୋହରୁ ।

ଉତ୍ତରଦାତାଙ୍କ ପାଇଁ କେ. ସି. ଦିୱାନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏଠାରେ ଥିବା ସଂକ୍ଷିପ୍ତ ପ୍ରଶ୍ନଟି କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ପ୍ରସଙ୍ଗ 14Dର ବ୍ୟାଖ୍ୟା ସହିତ ଜଡ଼ିତ । ଏହା ଏହିପରି ପଠିତ:

> "ଯେକୌଣସି ରଙ୍ଗ ପ୍ରକ୍ରିୟାରେ ବ୍ୟବହୃତ "କୃତ୍ରିମ ଜୈବ ରଙ୍ଗ ସାମଗ୍ରୀ (ରଞ୍ଜକ ରଙ୍ଗ ସାମଗ୍ରୀ ସମେତ) ଏବଂ କୃତ୍ରିମ ଜୈବ ବ୍ୟୁତ୍ପାଦକ ।".

ପ୍ରଶ୍ନ ହେଉଛି, ଏହି 'ଯେକୌଣସି ରଙ୍ଗ ଲଗାଇବା ପ୍ରକ୍ରିୟାରେ ବ୍ୟବହୃତ' ଶବ୍ଦଗୁଡ଼ିକ କୃତ୍ରିମ ଜୈବ ରଙ୍ଗ ଏବଂ କୃତ୍ରିମ ଜୈବ ବ୍ୟୁତ୍ପାଦକ କିମ୍ବା କେବଳ କୃତ୍ରିମ ଜୈବ ବ୍ୟୁତ୍ପାଦକକୁ ଯୋଗ୍ୟ ବିବେଚିତ କରେ କି ।

ରଙ୍ଗ ପ୍ରକ୍ରିୟାରେ ରଙ୍ଗ ସାମଗ୍ରୀ ବ୍ୟବହୃତ ହୁଏ ଏବଂ ତେଣୁ, ରଙ୍ଗ ସାମଗ୍ରୀ ସମ୍ପର୍କରେ "ଯେକୌଣସି ରଙ୍ଗ ପ୍ରକ୍ରିୟାରେ ବ୍ୟବହୃତ" ଶବ୍ଦର ବ୍ୟବହାର ଦ୍ୱିରୁକ୍ତି ହେବ । ତେଣୁ, ଏହି ଶବ୍ଦଗୁଡ଼ିକ କେବଳ ରଙ୍ଗ ପ୍ରକ୍ରିୟାରେ ବ୍ୟବହୃତ କୃତ୍ରିମ ବ୍ୟୁତ୍ପାଦକ ପାଇଁ ପ୍ରଯୁଜ୍ୟ ହୋଇପାରେ ।

ଏହା ହେଉଛି ସେହି ମତ ଯାହା ସୀମା ଶୁଳ୍କ, ଅବକାରୀ ଏବଂ ସୁନା (ନିୟନ୍ତ୍ରଣ) ଅପିଲ ନ୍ୟାୟାଧିକରଣ ଦ୍ୱାରା ପୂର୍ବ ରାୟରେ ନିଆଯାଇଥିଲା, ଯାହା ବର୍ତ୍ତମାନର ମାମଲାରେ ନ୍ୟାୟାଧିକରଣ ଦ୍ୱାରା ଅନୁସରଣ କରାଯାଇଛି ।

ଶବ୍ଦଗୁଡ଼ିକ ଏତେ ସ୍ପଷ୍ଟ ହୋଇଥିବାରୁ, ଆମେ ଭାବୁନାହୁଁ ଯେ, ସେଗୁଡ଼ିକର ବ୍ୟାଖ୍ୟା ପାଇଁ କୌଣସି ବାହ୍ୟ ଉତ୍ସରୁ ସହାୟତା ମଗାଇବା ଆବଶ୍ୟକ ଅଟେ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ  ନଦେଇ ଅପିଲକୁ ଖାରଜ କରିଦିଆଯାଉଛି ।

ଟି.ଏନ୍.ଏ. ଅପିଲ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ